## ସଂକ୍ଷେପରେ

### ମନ୍ଦିରରୁ ଚୋରି

**ବନ୍ତ,୫।୪(ସ୍ୱ.ପ୍ର.):** ଭଦ୍ରକ ଜିଲା ଆଗରପଡ଼ା ଥାନା କୁଆଁସମଡିଆ ଛକରେ ଥିବା ତାରିଣୀ ମନ୍ଦିରରୁ ରବିବାର ରାତିରେ ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ମନ୍ଦିର ପୂଜକ ପୂର୍ଣ୍ଣଚନ୍ଦ୍ର ଶତପଥୀ ସୋମବାର ସକାଳେ ପୂଜା କରିବାକୁ ଆସିଥିବା ବେଳେ ଚାବି ଭଙ୍ଗା ହୋଇ ମା'ଙ୍କର ରୁପା ହାର ଓ ମୁକୁଟ ସମେତ କଂସା, ପିତ୍ତଳର ପୂଜା ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ସେ ଗ୍ରାମବାସୀଙ୍କୁ ଜଣାଇବା ସହିତ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଟ୍ରେନ୍‌ରେ କଟି ଯୁବକ ମୃତ

**ବାରିପଦା ଅଫିସ,୫।୪:** ବାରିପଦା ଷ୍ଟେସନ ବଜାରସ୍ଥିତ ରେଳ ଧାରଣାରୁ ଜନୈକ ଯୁବକଙ୍କ ମୃତଦେହକୁ ରେଲୱେ ପୋଲିସ ମଙ୍ଗଳବାର ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବିଭାଗ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ସୋମବାର ବିଳମ୍ବିତ ରାତିରେ ଯୁବକ ଜଣକ ରେଳ ଧାରଣାରେ ଚଲାବୁଲା କରୁଥିଲେ। ଟ୍ରେନ ଆସିବା ଦେଖି ଧାରଣାରୁ ନ ହଟିବାରୁ ଟ୍ରେନ୍‌ରେ କଟି ମୃତ୍ୟୁ ବରଣ କରିଥିବା ସ୍ଥାନୀୟ ଲୋକେ କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

**କେନ୍ଦୁଝର, ୫।୪ (ସ୍ୱ.ପ୍ର.):** କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗା ପଞ୍ଚାୟତ ଜାମୁପଶି ଗ୍ରାମରେ ଦୁଷ୍ମନ୍ତ ପ୍ରଧାନଙ୍କ ଝିଅ ଲିପ୍ସା ପ୍ରଧାନ (୬) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ସକାଳେ ଲିପ୍ସା ପରିବାର ଲୋକଙ୍କ ସହିତ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଗୋଡ ଖସି ଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କୁ ଗାଧୋଉଥିବା ଲୋକ ମାନେ ଉଦ୍ଧାର କରି ତୁରନ୍ତ ଝୁମ୍ପୁରା ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଶିଶୁ ମୃତ୍ୟୁକୁ ନେଇ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବରିଷ୍ଠ ଦମ୍ପତିଙ୍କୁ ସମ୍ବର୍ଦ୍ଧନା

**ସୋର, ୫।୪(ଡି.ଏନ.ଏ.):** ଔପଦା ହରିହରପୁର ଶାସନ ଲୋକନାଥ ପାଠାଗାରର ତରଫରୁ ସମ୍ପାଦକ ରାଧାଶ୍ୟାମ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋର କଲେଜ ଛକ ମିଲ କ୍ୟାମ୍ପସ ବାସିନ୍ଦା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ନବ କିଶୋର ଦାସ ଏବଂ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ସେବିକା ଲିଲିରାଣୀ ଦତ୍ତଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ୍‌କାର କରି ସମ୍ବର୍ଦ୍ଧିତ କରିଛନ୍ତି। ଗତ ମାର୍ଚ୍ଚରେ ଅନୁଷ୍ଠିତ ପାଠାଗାର ଉତ୍ସବରେ ଦମ୍ପତି ସ୍ୱାସ୍ଥ୍ୟଗତ କାରଣରୁ ଯୋଗଦେଇ ପାରି ନ ଥିବାରୁ ତାଙ୍କୁ ମାନପତ୍ର ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କବି ସରସ୍ୱତୀ ପଣ୍ଡା ଯୋଗଦେଇଥିଲେ।

### ଜବରଦଖଲ ଉଚ୍ଛେଦ

**ବାରିପଦା ଅଫିସ,୫।୪:** ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲା ବାରିପଦା ସହରରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ମଙ୍ଗଳବାର ଟ୍ରାଫିକ୍ ଛକରେ ଥିବା ବହୁ ପୁରାତନ ହରିପ୍ରସାଦ ପୁଷ୍କରଲାଲଙ୍କ ଭଡ଼ା ଦୋକାନ କୋଠାକୁ ଜେସିବି ଦ୍ୱାରା ଭାଙ୍ଗି ଦିଆଯାଇଛି। ମଙ୍ଗଳବାର ବାରିପଦା ତହସିଲଦାର ଓ ଟାଉନ ଥାନା ଅଧିକାରୀ ଉପସ୍ଥିତ ରହି ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ବିଗତ ଦିନରେ ପୁଷ୍କରଲାଲଙ୍କ ଦୋକାନ ଗୃହକୁ ଭଡ଼ା ସୂତ୍ରରେ ନେଇଥିବା ବ୍ୟକ୍ତି ଜଣକ ନିଜ ଦଖଲରେ ରଖିଥିଲେ। ଏ ନେଇ କୋର୍ଟରେ ମାମଲା ଚାଲୁ ରହିଥିଲା। କୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ସଦର ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜବରଦଖଲ ଉଚ୍ଛେଦ କରାଯାଇ ଆବେଦନକାରୀଙ୍କୁ ଜମି ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

### ଆତ୍ମରକ୍ଷା ତାଲିମ ଶିବିର

**କେନ୍ଦୁଝର, ୫।୪(ଡି.ଏନ.ଏ.):** କେନ୍ଦୁଝର ଜିଲାର ସରକାରୀ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ୮ଦିନ ବ୍ୟାପୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରୋଟାରୀ କ୍ଲବ ଗ୍ରୀନର ସମ୍ପାଦକ ତଥା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ବରିଷ୍ଠ କର୍ମଚାରୀ ସୁଧାଂଶୁ ଶେଖର ପଟ୍ଟନାୟକ ଯୋଗଦେଇ ଛାତ୍ରୀଙ୍କ ଆତ୍ମସୁରକ୍ଷା ଉପରେ ଉଦ୍‌ବୋଧନ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଭାକର ନାଏକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ କଲେଜର ଶିକ୍ଷା ବିଭାଗର ପ୍ରାଧାପକ ନରେନ୍ଦ୍ର କୁମାର ପ୍ରଧାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ସୁସ୍ମିତା ମଞ୍ଜରୀ ନାଏକ, ସନ୍ଧ୍ୟାରାଣୀ ଶଙ୍ଖୁଆଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନାରେ ସହଯୋଗ କରିଥିଲେ।

# ଚିନ୍ତା ବଢ଼ାଇଛି ନକଲି ସାର, କୀଟନାଶକ

- ଅଧିକ ଅମଳ ଆଶାରେ ଚାଷୀ ହତାଶ
- କୃଷି ବିଭାଗ ନିଷ୍କ୍ରିୟ

**ରବିନାରାୟଣ ପାତ୍ର**
**ଜଳେଶ୍ୱର, ୫।୪**

ଚଳିତ ରବିଋତୁରେ ବାଲେଶ୍ୱର ଜିଲା ଜଳେଶ୍ୱର କୃଷି ଜିଲାରେ ବ୍ୟାପକ ରବିଧାନ ଚାଷ ହୋଇଥିବା ବେଳେ ନକଲି ସାର ଓ କୀଟନାଶକ ଯୋଗୁ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ଅଧିକ ସାର ବ୍ୟବହାର ହେଉଥିଲେ ମଧ ଧାନଚାଷରେ ଅଗ୍ରଗତି ଘଟିପାରୁନାହିଁ।

ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ବ୍ଲକକୁ ନେଇ ଜଳେଶ୍ୱର କୃଷି ଜିଲା ଗଠିତ। ଚଳିତବର୍ଷ ଜିଲା କୃଷି ଆକଳନ ବୈଠକ ଅନୁଯାୟୀ ସମଗ୍ର ଜିଲାରେ ୨୪ହଜାର ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନଚାଷ ହେବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ବାସ୍ତବରେ ଏହାଠାରୁ ବହୁ ଅଧିକ ଜମିରେ ରୁଆପୋତା ହୋଇଛି। ଏଥିରୁ ଜଳେଶ୍ୱର କୃଷି ଜିଲାରେ ୧୯ହଜାର ହେକ୍ଟର ଜମିରେ ଧାନଚାଷ ଆକଳନ ହୋଇଥିବା ବେଳେ ପ୍ରାୟ ୨୨ହଜାର ହେକ୍ଟରୁ ଅଧିକ ଜମିରେ ଧାନ ଚାଷ ହୋଇଥିବା ୩ ବ୍ଲକର କୃଷି ଅଧିକାରୀ କହିଛନ୍ତି। ଚଳିତବର୍ଷ ନୁହେଁ, ପ୍ରତିବର୍ଷ ରବିଋତୁରେ ଜଳେଶ୍ୱର କୃଷି ଜିଲାରେ ଚାଷ ହେଉଥିବା ଜମିର ପରିମାଣ ସମଗ୍ର ବାଲେଶ୍ୱର ଜିଲାର ତିନି ଚତୁର୍ଥାଂଶ। ସେଥିପାଇଁ ଉପରୋକ୍ତ ୩ଟି ବ୍ଲକରେ ଧାନ ବିହନ, ଗ୍ରୋମର, ଡିଏପି, ପଟାସ୍, ୟୁରିଆ ସାର ଓ କୀଟନାଶକର ବ୍ୟାପକ ଆବଶ୍ୟକତା ପଡ଼ିଥାଏ। ଜଳେଶ୍ୱର କୃଷି ଜିଲାକୁ ଲାଗି ପୂର୍ବ ଓ ପଶ୍ଚିମ ମେଦିନୀପୁର ଜିଲାର ଦାନ୍ତୁନ, ଝାଡ଼ଗ୍ରାମ, ନୟାଗ୍ରାମ, ଗୋପୀବଲ୍ଲଭପୁର, ମୋହନପୁର, ଏଗ୍ରା, ଦୀଘା ଓ ରାମନଗର ବ୍ଲକ ଅଞ୍ଚଳ ହୋଇଥିବାରୁ ପଶ୍ଚିମବଙ୍ଗରୁ ବିହନ, ସାର ଓ କୀଟନାଶକ ଏଜେଣ୍ଟମାନେ ଆଣି ଓଡ଼ିଶାରେ ବିକ୍ରି କରିଥାନ୍ତି। ଏଥିପ୍ରତି କୃଷି ବିଭାଗର ନଜର ନ ଥିବାରୁ ପ୍ରତିବର୍ଷ ଚାଷୀମାନେ ହଇରାଣ, ହରକତ ହୋଇଆସୁଛନ୍ତି। ଓଡ଼ିଶାର ଧାନ ବିହନର ମୂଲ୍ୟ କିଲୋ ପ୍ରତି ୧୦ଟଙ୍କା ଥିବା ବେଳେ ପଶ୍ଚିମବଙ୍ଗ ଓ ଆନ୍ଧ୍ରରୁ ବିହନ ଆଣି ଏଜେଣ୍ଟମାନେ କିଲୋ ପ୍ରତି ୭୦ରୁ ୧୦୦ଟଙ୍କାରେ ବିକ୍ରି କରିଥାନ୍ତି। କେବେ କେବେ 'ପ୍ରିମିୟମ ସ୍ୱର୍ଣ୍ଣ' ପରି କେତେକ ଜାତିର ଧାନ ଏ ଅଞ୍ଚଳ ପାଇଁ ପ୍ରଯୁଜ୍ୟ ହୋଇ ନ ଥିବା ବେଳେ ଅତୀତରେ ଚାଷୀ ଠକାମୀର ଶିକାର ହୋଇଛନ୍ତି। ସେହିପରି ଚଳିତବର୍ଷ 'କ୍ରିପ୍‌କୋ' ନାମରେ ଆସୁଥିବା ସାର ନକଲି ବୋଲି ୩ ବ୍ଲକର ବହୁ ଚାଷୀ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। କେବଳ ୟୁରିଆ ନୁହେଁ, ବିଭିନ୍ନ ନୂଆ ନୂଆ ନାମରେ ସାର ଓ କୀଟନାଶକ ବିକ୍ରି ହେଉଥିବା ଲକ୍ଷ୍ୟ କରାଯାଉଛି। କେତେକ ମଲ୍ଟି ଭିଟାମିନ୍, ହରମୋନ୍ ନାମରେ ନକଲି ସାର ଏହି ଅଞ୍ଚଳରେ ବିକ୍ରି ହେଉଥିଲେ ମଧ କାର୍ଯ୍ୟତଃ ଚାଷୀମାନେ ହିଁ ଠକାମିର ଶୀକାର ହୋଇଆସୁଛନ୍ତି। ଜଳେଶ୍ୱର ବ୍ଲକର ସୁଦାମ ପାତ୍ର, ଦିନେଶ ଜେନା, କମଳାକାନ୍ତ କର, ହରିଶଙ୍କର ରାଜ, ଶିବନାରାୟଣ ପାତ୍ର, ବାବାଜୀ ପାତ୍ର, ଦିଲ୍ଲୀପ ସାମଲ, ଜଗନ୍ନାଥ ପ୍ରଧାନ, ସୁକୁମାର ଘୋଷ, ହେମନ୍ତ ଗିରି, ସମୀର ପାତ୍ର ପ୍ରମୁଖ ବହୁ ଚାଷୀ ସାର ଓ କୀଟନାଶକର ନକଲି ସମ୍ପର୍କରେ କହିଛନ୍ତି। ଅତୀତରେ ଏକର ପ୍ରତି ୪୦ କି.ଗ୍ରା ୟୁରିଆ, ୮୦ କି.ଗ୍ରା ଗ୍ରୋମର ଡିଏପି ବ୍ୟବହାର ଯେତିକି ଫସଲ ଅମଳ କରୁଥିଲେ ଏବେ ତାର ୨ଗୁଣା ବ୍ୟବହାର କରିବାକୁ ପଡୁଛି। ଏଥିରୁ କୀଟନାଶକ ଓ ସାର ମାନ ସମ୍ପର୍କରେ ଚାଷୀମାନେ ସନ୍ଦିହାନ ବୋଲି କହିଛନ୍ତି।

ଜଳେଶ୍ୱର କୃଷି ଜିଲା ଅଧିକାରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି, କେତେକ ବ୍ୟବସାୟୀ ୨୮-୨୮-୦ ବଦଳରେ ୨୦-୨୦-୦ ମାର୍କା ସାରକୁ ଗ୍ରୋମର ମୂଲ୍ୟରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସେହିପରି କ୍ରିପ୍‌କୋ ସାର ସମ୍ପର୍କରେ ମଧ ଚାଷୀମାନେ ଅଭିଯୋଗ କରିଛନ୍ତି। ମଲ୍ଟି ଭିଟାମିନ୍, ହରମୋନ ବ୍ୟବହାର ଓଡ଼ିଶାରେ କମ୍ ଥିବା ବେଳେ ପଶ୍ଚିମବଙ୍ଗରେ ଅଧିକ ଥିବାରୁ ଚାଷୀମାନେ ପରୀକ୍ଷାମୂଳକ ଭାବେ ବ୍ୟବହାର କରିଆସୁଛନ୍ତି। କିନ୍ତୁ ପର୍ଯ୍ୟାୟକ୍ରମେ ଚାଷୀମାନେ ଅଭିଯୋଗ କରୁଥିବା ବିହନ, ସାର ଓ କୀଟନାଶକର ପରୀକ୍ଷା ନିରୀକ୍ଷା ମଧ କରାଯାଉଛି। ଚଳିତବର୍ଷ ମଧ କେତେକର ମାନ ପରୀକ୍ଷା ଲାଗି ବ୍ୟବସ୍ଥା କରାଯାଇଛି।



ଜଳେଶ୍ୱର ଅଞ୍ଚଳରେ ହୋଇଥିବା ଧାନ ଚାଷ।

# ଭାଜପାର ନଦୀ ସୁରକ୍ଷା ସମିତି ପକ୍ଷରୁ ଦାବିପତ୍ର




ଦାବିପତ୍ର ଦେବାକୁ ଆସିଥିବା ଭାଜପାର ନଦୀସୁରକ୍ଷା ସମିତି କର୍ମକର୍ତ୍ତା।

**କେନ୍ଦୁଝର, ୫।୪ (ସ୍ୱ.ପ୍ର.)**

**ନଦୀ ଘାଟରୁ ବ୍ୟାପକ ବାଲି ଚୋରା କାରବାର**

ନଦୀ ହେଉଛି ସଭ୍ୟତାର ମୂଳ ଉତ୍ସ। ଏଣୁ ନଦୀର ସୁରକ୍ଷା ଜରୁରୀ। କିନ୍ତୁ କେନ୍ଦୁଝର ଜିଲାର ବିଭିନ୍ନ ନଦୀମାନଙ୍କରୁ ବେଆଇନ ଭାବେ ବାଲି ଉତ୍ତୋଳନ ଓ ଚାଲାଣ ଯୋଗୁ ନଦୀ କ୍ଷତିଗ୍ରସ୍ତ ହେବା ସହ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ଘଟୁଛି। ଏନେଇ ମଙ୍ଗଳବାର ନଦୀର ସୁରକ୍ଷା ଏବଂ ବେଆଇନ ବାଲି ଚୋରା ଚାଲାଣ ରୋକିବା ପାଇଁ ଭାଜପା ନଦୀ ସୁରକ୍ଷା ସମିତି ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛନ୍ତି।

ଜିଲାରେ ବୈତରଣୀ ବ୍ୟତୀତ କୁଶେଇ, ସମାକୋଇ, ରେମାଳ, ମୁଶଳ, ଅରଡେଇ ଆଦି ନଦୀ ପ୍ରବାହିତ ହେଉଛି। ଉପଯୁକ୍ତ ତଦାରଖ ଅଭାବରୁ ଏହି ସବୁ ନଦୀରୁ ଦୈନିକ ବିନା ନିଲାମରେ ଶହ ଶହ ସଂଖ୍ୟାରେ ଟ୍ରକ/ଟିପର/ହାଇୱା ଆଦିରେ ମାଫିଆ ମାନେ ବାଲିଚୋରାରେ ଉତ୍ତୋଳନ କରିବା ସହ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଏଦିଗରେ ସ୍ଥାନୀୟ ପ୍ରଶାସନ ଓ ପୋଲିସ ଚୁପ ବସୁଥିବାରୁ ଏହା ବୃଦ୍ଧି ପାଇବାରେ ଲାଗୁଛି ବୋଲି ନଦୀ ସୁରକ୍ଷା ସମିତିର ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। ଜିଲାର ହାଟଡିହି, ଆନନ୍ଦପୁର, ଚମ୍ପୁଆ, ତେଲକୋଇ, ଘଟଗାଁ, ଝୁମ୍ପୁରା ଆଦି ତହସିଲ ଅଞ୍ଚଳରେ ଦିନ ଦିପହରରେ ବିଭିନ୍ନ ନଦୀରୁ ବାଲି ଲୁଟ ଚାଲିଛି। ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ନଚେତ ଆଗାମୀ ଦିନରେ ସାରା ରାଜ୍ୟରେ ଆନ୍ଦୋଳନ କରିବା ସହ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ କେସ କରାଯିବ ବୋଲି ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ରାଧାକାନ୍ତ ମହାନ୍ତ, ଭାଜପା ଜିଲା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ଅନୁବ୍ରତ ବେହେରା, ସଞ୍ଜୟ ମହାନ୍ତିଙ୍କ ସମେତ ବହୁ ସାମିଲ ହୋଇଥିଲେ।

# ନୂଆପଲ୍ଲୀରେ ମଧୁଗଣେଶ ପୂଜା ଉତ୍ସବ



ନୂଆପଲ୍ଲୀରେ ଅନୁଷ୍ଠିତ ପୂଜା।

**ସିମୁଳିଆ, ୫।୪(ଡି.ଏନ.ଏ.)**

ସିମୁଳିଆ ବ୍ଲକ ବରିରୋଡ ନୂଆପଲ୍ଲୀ ଅଞ୍ଚଳରେ ମଧୁଗଣେଶ ପୂଜା ମହାଆଡମ୍ବରରେ ପାଳିତ ହେଉଛି। ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଅନୁଷ୍ଠିତ ଏହି ପୂଜା ଦ୍ୱିତୀୟ ବର୍ଷରେ ପାଳିତ ହୋଇଛି। ଏହି ଅବସରରେ ଗତ ସୋମବାର ସାୟଂକାଳେ ଅଧିବାସ, ମଣ୍ଡପତୋରଣ ସଜ୍ଜିକରଣ, ମଙ୍ଗଳବାର ପ୍ରାତଃରେ ଘଟୋତ୍ତଳନ, ପୂର୍ବାହ୍ନ ୧୧ଟାରେ ପୂଜା ଉତ୍ସବ, ହୋମ ଯଜ୍ଞ, ଲକ୍ଷ୍ମୀନାରାୟଣ ଓ ମଧୁଗଣେଶଙ୍କ ମହାସ୍ନାନ,ବିଧି ଉପଚାର ଷୋଡଶ ପୂଜା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପଣ୍ଡିତ ରୂପେ ଦୁର୍ଯ୍ୟୋଧନ ପଣ୍ଡା, ପର୍ଶୁରାମ ପଣ୍ଡା, ନୃସିଂହ ପଣ୍ଡା, ବିଜୟ କୁମାର ଦାଶ ଥିଲେ। ସନ୍ଧ୍ୟାରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ବେଣୁଧର ପାଢୀ, ସମ୍ପାଦକ ସୁବାଷ ମିଧାରଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାଳିକ, ପଦ୍ମଲୋଚନ ଦାଶ, କିର୍ତ୍ତନ ବିହାରୀ ଦାଶ, ତପନ କୁମାର ପଣ୍ଡା, ଦେବାଶିଷ ମହାନ୍ତି ଓ ସତ୍ୟ ମହାନ୍ତି ପ୍ରମୁଖ ସହଯୋଗୀ ଥିଲେ। ସନ୍ଧ୍ୟାରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଶ୍ରମ ସ୍କୁଲରେ ପୋଲିସ, ପ୍ରଶାସନିକ ଅଧିକାରୀଙ୍କ ତଦନ୍ତ

**ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଧମକ ଘଟଣା**

**ଉଦଳା,୫।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ଥିବା ଏକ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ମାଟ୍ରନ୍ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ଗାଧୁଆ ବେଳର ଅଶ୍ଳୀଳ ଫଟୋ ଭାଇରାଲ୍ କରିବାର ଧମକ ଦେବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଉଦଳା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ସମେତ ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ ଏବଂ ଉଦଳା ଥାନା ଅଧିକାରୀ ମଙ୍ଗଳବାର ବିଦ୍ୟାଳୟରେ ପହଞ୍ଚିତଦନ୍ତ ଆରମ୍ଭ କରିଛନ୍ତି। ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ପଚରାଉଚରା କରିବା ସହିତ ସେଠାରେ ରହୁଥିବା ଅନ୍ତେବାସିନୀଙ୍କୁ ମଧ ପଚରାଉଚରା କରିଥିଲେ। ତଦନ୍ତ ସମୟରେ ପ୍ରଧାନଶିକ୍ଷକ ବ୍ରଜମୋହନ ମାଝୀ ଅନୁପସ୍ଥିତ ଥିଲେ। ତେବେ ୪୮ ଘଣ୍ଟା ମଧରେ ପଦକ୍ଷେପ ନିଆଯିବ ବୋଲି ଏଡିଡବ୍ଲ୍ୟୁଇଓ ଚିତ୍ତରଞ୍ଜନ ମହାପାତ୍ର କହିଛନ୍ତି।

# ଧାନ ବିକ୍ରିରୁ ବଞ୍ଚିତ ୯୭୪ ଚାଷୀ

**ଚମ୍ପୁଆ, ୫।୪(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଓ ଭଣ୍ଡା ଲ୍ୟାମ୍ପର ୯୭୪ ଜଣ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ୨୦୨୧-୨୨ର ଖରିଫ ଋତୁରେ ଟୋକନ୍ ପାଇ ମଧ ଧାନ ବିକ୍ରି କରିପାରି ନାହାନ୍ତି। ସୂଚନା ଅନୁସାରେ, ଚମ୍ପୁଆ ଲ୍ୟାମ୍ପ ଅଧୀନରେ ଚମ୍ପୁଆ, କରଞ୍ଜିଆ, ରଜିଆ ଓ ଜାମୁଦଲକ ବ୍ରାଞ୍ଚ ଥିବାବେଳେ ଭଣ୍ଡା ଲ୍ୟାମ୍ପ ଅଧୀନରେ ଭଣ୍ଡା, ଭୂଇଁପୁର, ଫୁଲକଳେଇଁ, ଜ୍ୟୋତିପୁର ବ୍ରାଞ୍ଚ ରହିଛି।

୨୦୨୧-୨୨ ମସିହାରେ ଚମ୍ପୁଆ ଲ୍ୟାମ୍ପରେ ୨୫୪୦ଚାଷୀ ଧାନ ବିକ୍ରି କରିବା ପାଇଁ ରେଜିଷ୍ଟ୍ରେସନ କରିଥିବା ବେଳେ ଚମ୍ପୁଆ ଲ୍ୟାମ୍ପକୁ ୪୯ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ରହିଥିଲା। ଚାଷୀମାନେ ଧାନ ବିକ୍ରି ପାଇଁ ୨୦୨୧ ମସିହା ଅଗଷ୍ଟରୁ ସେପ୍ଟେମ୍ବର ମଧରେ ନାମ ପଞ୍ଜୀକରଣ କରିଥିଲେ। ଚାଷୀମାନଙ୍କୁ ଟୋକନ୍ ମିଳିବା ସହିତ ଧାନ କ୍ରୟର ଦିନ ମୋବାଇଲ ମେସେଜ ମାଧମରେ ସୂଚନା ଦିଆଯାଇଥିଲା। ମାତ୍ର ମିଳୁଥିବା ଟୋକନ ଅନୁଯାୟୀ ଉଭୟ ଲ୍ୟାମ୍ପରେ ଟାର୍ଗେଟ ଅଭାବ ରହିଥିବାରୁ ଚାଷୀମାନେ ଟୋକନ ପାଇ ମଧ ଧାନ ବିକ୍ରି କରିପାରି ନ ଥିଲେ। ଏପରିକି ଟୋକନର ଅବଧି ଶେଷ ହୋଇ ଯାଇଥିଲେ ମଧ ଟାର୍ଗେଟର ଅଭାବ ଦେଖା ଦେଇଥିଲା। ଉଭୟ ଲ୍ୟାମ୍ପର ଏମ.ଡି କହିଛନ୍ତି ଚମ୍ପୁଆରେ ୫୨୪ ଜଣ ଚାଷୀ ୧୬ ହଜାର କୁଇଣ୍ଟାଲ ଧାନ ବିକ୍ରି ପାରି ନଥିବା ବେଳେ ଭଣ୍ଡା ଲ୍ୟାମ୍ପର ୪୫୦ ଜଣ ଚାଷୀ ୧୮୫୭୧ କୁଇଣ୍ଟାଲ ଧାନ ବିକ୍ରି କରି ପାରି ନାହାନ୍ତି। ଫଳରେ ଚାଷୀମାନେ ଦଲାଲ୍‌ମାନଙ୍କ ଦ୍ୱାରା କମ୍ ଦାମ୍‌ରେ ରାଜ୍ୟ ବାହାରେ ଧାନ ବିକି ଥିବା ଜଣାଯାଇଛି। ଚମ୍ପୁଆ ଲ୍ୟାମ୍ପ ଅଧୀନରେ ୮୨ ଗାଁ ରହିଥିବା ବେଳେ ୧୨ ହଜାର ଚାଷୀ ଲ୍ୟାମ୍ପର ମେମ୍ବର ରହିଥିବା ଜଣାଯାଇଛି। ଏ ନେଇ ଚମ୍ପୁଆ ଏମ.ଡି. ବିଭୁତି ଗିରିଙ୍କୁ ପଚାରିବାରୁ ଟାର୍ଗେଟ ଆସୁ ଆସୁ ଟୋକନ୍‌ର ଅବଧି ଶେଷ ହୋଇଯାଇଥିବାରୁ ଚାଷୀମାନେ ଧାନ ବିକ୍ରି କରି ପାରି ନଥିଲେ।




# ବିଭିନ୍ନ କାର୍ଯ୍ୟର ତଦାରଖ କଲେ ବ୍ଲକ ଅଧକ୍ଷ

**ଯୋଡ଼ା,୫।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧକ୍ଷ କବିନ୍ଦ୍ର ନାଏକ ବ୍ଲକର ୩ଟି ପଞ୍ଚାୟତ ବିରିକଳା, କଣ୍ଡରା ଓ ଦେଓଝର ପଞ୍ଚାୟତର ବିଭିନ୍ନ କାର୍ଯ୍ୟ ତଥା ସମସ୍ୟା ନେଇ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ବେଳେ କଣ୍ଡରାରେ ମିଶନ ଶକ୍ତି ଘର ନିର୍ମାଣର ସମ୍ମୁଖରେ ଥିବା ଟ୍ୟାଙ୍କକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ, ପାହଚ ନିର୍ମାଣ ପାଇଁ କନିଷ୍ଠ ଯନ୍ତ୍ରୀଙ୍କୁ ଓ କଣ୍ଡରା ଉଚ୍ଚ ବିଦ୍ୟାଳୟର ୫ଟି କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରତିଦିନ କଣ୍ଡରା ପଞ୍ଚାୟତକୁ ଅସୁଥିବା ଲୋକେ ପାଣି ପାଇପାରୁ ନାହାନ୍ତି। ଜୁଗୁଲିଧରରେ କଙ୍କ୍ରିଟ ରୋଡକୁ ତଦାରଖ କରିଥିଲେ। ଦେଓଝରରେ ଏମ୍‌ଜିଏନ୍‌ଆର୍‌ଇଜିଏସ କାମ କରୁଥିବା ମେଟ ମାନଙ୍କୁ ନେଇ ଏକ ବୈଠକ କରିଥିଲେ। ଉକ୍ତ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା ବେଳେ ୫ ବର୍ଷ ହେବ ଦରମା ପାଇନାହାନ୍ତି ବୋଲି ଅଭିଯୋଗ ହୋଇଥିଲା। ଏହି ବୈଠକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବାରୁ ସରପଞ୍ଚ, ସମିତି ସଭ୍ୟ, ମେଟ, ସହକାରୀ ଯନ୍ତ୍ରୀ, ବ୍ଲକ ଅଧକ୍ଷ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ବିରିକଳା ପଞ୍ଚାୟତ ଆର୍‌ଆଇ ଅଫିସରୁ ବିଲେଇପଦା ବସ୍ତିକୁ ବିଧାୟକ ପାଣ୍ଠିରୁ ୪ ଲକ୍ଷ ମଞ୍ଜୁର ରାସ୍ତାର ମରାମତି ବୁଧବାରଠାରୁ ହେବ ବୋଲି କହିଥିଲେ। କାମ କିପରି ଉନ୍ନତମାନର ହେବ ସେ ନେଇ ଗୁରୁତ୍ୱ ଦେଇଥିଲେ। ପରିଦର୍ଶନ ବେଳେ ପଞ୍ଚାୟତ ଘର ଛାତ ପ୍ଲାଷ୍ଟର ଖସୁଥିବା ଦେଖିବାକୁ ପାଇଥିଲେ। ଏହାର ତୁରନ୍ତ ମରାମତି କରିବା ପାଇଁ ପଞ୍ଚାୟତ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ପାଣି ପମ୍ପ, ଯନ୍ତ୍ରାଂଶ ଚୋରି

**ବୈଶିଙ୍ଗା,୫।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ରଘୁନାଥପୁର ପାଣି ଫ୍ୟାକ୍ଟ୍ରିର ପଛପଟ ଲୁହା ଝରକା ତାଡ଼ି ଦୁର୍ବୃତ୍ତମାନେ ପାଣି ପମ୍ପ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବୈଶିଙ୍ଗା ପୋଲିସ ଏକ ମାମଲା(ନଂ.୮୬/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବାରିପଦାରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ପ୍ରାୟ ୪ ଲକ୍ଷ ଟଙ୍କାର ବିଭିନ୍ନ ଯନ୍ତ୍ରାଂଶ ଚୋରି ହୋଇଥିବା ପାଣି ଫ୍ୟାକ୍ଟ୍ରି ମାଲିକାଣୀ ମାଧବୀ ସେନାପତି ଅଭିଯୋଗରେ ଦର୍ଶାଇଛନ୍ତି।

# ସଂଘବଦ୍ଧ ଆକ୍ରମଣରେ ୨ ଯୁବକ ଆହତ

**ନୀଳମଣି ସ୍ମୃତି ଭବନ ଚାବି ହସ୍ତାନ୍ତରକୁ ନେଇ ଗଣ୍ଡଗୋଳ**

**ପଦ୍ମପୁର, ୫।୪(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଗୋ ପଞ୍ଚାୟତର ନୀଳମଣି ସ୍ମୃତି ଭବନର ଚାବି ହସ୍ତାନ୍ତରକୁ ନେଇ ୨ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ନୀଳମଣି ସ୍ମୃତି ଭବନର ଚାବି ନିଜ ହାତକୁ ନେବାକୁ ଅଡ଼ି ବସିଥିବା ବେଳେ ଅନ୍ୟ ଏକ ଗୋଷ୍ଠୀର କେତେଜଣ ଯୁବକ ଏହାକୁ ବିରୋଧ କରି ଆସୁଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଉଭୟ ପକ୍ଷଙ୍କ ମଧରେ ସୋମବାର ପୂର୍ବାହ୍ନରେ ବଚସା ହୋଇଥିଲା। ସନ୍ଧ୍ୟାରେ ଉକ୍ତ ପଞ୍ଚାୟତର ପାତ୍ରସାହିର ଅମରନାଥ ଜେନା ପଦ୍ମପୁର ବଜାରକୁ ଔଷଧ ଆଣିବାକୁ ଯାଉଥିବା ବେଳେ ଅପରପକ୍ଷର କିଛି ଯୁବକ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହାକୁ ବିରୋଧ କରିବାରୁ ଗ୍ରାମର ଗୌତମ ପାତ୍ରଙ୍କୁ ମଧ ମାଡ଼ ମାରିଥିଲେ। ଉଭୟ ଆହତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାସୁଦେବପୁର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ନାମ୍ପୋ ହାଇସ୍କୁଲରେ ଭିଜିଲାନ୍ସ

**ଜଳେଶ୍ୱର, ୫।୪(ଡି.ଏନ.ଏ.)**

ଜଳେଶ୍ୱର ବ୍ଲକ ନାମ୍ପୋ ହାଇସ୍କୁଲରେ ୫ଟି କାର୍ଯ୍ୟରେ କେତେକ ଅନିୟମିତତା ଅଭିଯୋଗକୁ ଆଧାର କରି ବାଲେଶ୍ୱର ଜିଲା ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ଚଢାଉ ହୋଇଛି। ଭିଜିଲାନ୍ସଅଫିସର ଡି.କେ ନାୟକଙ୍କ ନେତୃତ୍ୱରେ ୪ଜଣିଆ ଟିମ୍ ଏଥିରେ ଅଛନ୍ତି। ଏବେ ସେଠାରେ ୫ଟି କାର୍ଯ୍ୟ ଚାଲୁଥିବାରୁ କେତେକ ପୁରୁଣା ଘର ଭଙ୍ଗାଯାଇଛି। ସେଥିରୁ ବାହାରିଥିବା ପୁରୁଣା ଇଟା, ଘର ତିଆରି ସାମଗ୍ରୀ ବେଆଇନ ଭାବେ ବାହାର ବଜାରରେ ବିକ୍ରି ହୋଇଥିବା ଅଭିଯୋଗ ହୋଇଥିଲା। ସେହିପରି ବିଦ୍ୟାଳୟ ମଧରେ ଥିବା କେତେକ ମୂଲ୍ୟବାନ ଗଛ ବେଆଇନ ଭାବେ ବିକ୍ରି ହେବା ସମ୍ପର୍କରେ ଗ୍ରାମର କେତେକ ବ୍ୟକ୍ତି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଭିଜିଲାନ୍ସ ଟିମ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।



ଭିଜିଲାନ୍ସ ଅଧିକାରୀମାନେ ତଦନ୍ତ କରୁଛନ୍ତି।

# ବୈଷୟିକ ଛାତ୍ରୀଛାତ୍ର ସଫଳ ଉଦ୍ୟୋଗୀ ହେବା ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୫।୪**

ବାଲେଶ୍ୱର କୁରୁଡ଼ାସ୍ଥିତ ବୈଷୟିକ ଶିକ୍ଷାନୁଷ୍ଠାନ ଏକାଡ଼େମୀ ଅଫ ବିଜ୍‌ନେସ ଆଡ଼ମିନଷ୍ଟ୍ରେଶନ (ଏବିଏ)ର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉନ୍ନତ ଭବିଷ୍ୟତ ଗଢ଼ିବା ସହିତ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଜଣେ ଜଣେ ସଫଳ ଉଦ୍ୟୋଗୀ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ର ଜୀବନର ଅନୁଭୂତି ଏବଂ ଶିକ୍ଷାଗ୍ରହଣରୁ ଅଭିଜ୍ଞତା ଲାଭ କରିପାରିଲେ ସଫଳ ଭବିଷ୍ୟତ ଗଠନ ସମ୍ଭବ ବୋଲି ମତପ୍ରକାଶ କରିଥିଲେ।

ଇଂରାଜୀ ବିଭାଗର ଆସୋସିଏଟ ପ୍ରଫେସର ରୁକସାର ମୋଏନ ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷାନୁଷ୍ଠାନ ଅଧକ୍ଷ ସୁଧାସିନ୍ଧୁ ପଣ୍ଡା ସଭାପତିତ୍ୱ କରିଥିଲେ। ଅନ୍ୟତମ ନିର୍ଦ୍ଦେଶକ କମଳାକାନ୍ତ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନ ଅଧକ୍ଷା ଡ. ସଙ୍ଗୀତା ମହାନ୍ତି ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା ସମିତି ସମ୍ପାଦିକା ଅଞ୍ଜଳି ପଣ୍ଡା ଉପସ୍ଥିତ ରହି ଏହି ଅନୁଷ୍ଠାନ ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ ସମଗ୍ର ପୂର୍ବଭାରତରେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିଛି ବୋଲି କହିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏବିଏର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଦିବଙ୍ଗତ ଯୁଗଳ କିଶୋର ମୋରେଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିବା ବେଳେ ସନ୍ଧ୍ୟାରେ ଓଡ଼ିଆ ସିନେ କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷାନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ପିୟୁଷ ମୋରେ ଧନ୍ୟବାଦ ଅର୍ପଣ କରିଥିଲେ।




ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

## ମଙ୍ଗଳାଙ୍କ ପୀଠରେ ବାର୍ଷିକ ଯଜ୍ଞ

**କୁଆମରା,(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ଚିଲିମା ଗ୍ରାମର ପ୍ରସିଦ୍ଧ ମା' ମଙ୍ଗଳାଙ୍କ ପୀଠରେ ଦୁଇ ଦିନ ଧରି ବାର୍ଷିକ ଉତ୍ସବ ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ପୂଜା ପାଠ, ବିଷ୍ଣୁ ସହସ୍ରନାମ ଯଜ୍ଞ, ସହସ୍ର କୁମ୍ଭ, ଦିବାରାତ୍ର ସଂକୀର୍ତ୍ତନ, ଚଣ୍ଡୀ ପାଠ ମହାସମାରୋହରେ ସମାପନ ହୋଇଛି। ଏଥି ନିମନ୍ତେ ମନ୍ଦିର ପୂଜକଙ୍କ ସମେତ ୮ଜଣ ବ୍ରାହ୍ମଣ ନିୟୋଜିତ ହୋଇଥିଲେ। ମଙ୍ଗଳବାର ଅପରାହ୍ନରେ ପୂର୍ଣ୍ଣାହୂତି ପରେ ଅନ୍ନଛତ୍ର ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ସେହିପରି କଡଦା, ଭୋଳପୋଖରୀ, କୁସୁମିଆଠାରେ ମଧ ମା'ଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି।

### ଆଜି କ'ଣ କେଉଁଠି

ସିମୁଳିଆ
- ବ୍ଲକସ୍ତରୀୟ ବିଜ୍ଞାନମେଳା। ସ୍ଥାନ: ଅତା ୟୁପି ସ୍କୁଲ। ସମୟ: ସକାଳ ୭ଟା।

### ସଂକ୍ଷେପରେ

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ନେଇ ଦାବିପତ୍ର

**ବାଙ୍ଗିରିପୋଷି,୫।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଲାଗି ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ଜିଲାପାଳ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଭଞ୍ଜସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭଞ୍ଜସେନାର ବାଙ୍ଗିରିପୋଷି ବ୍ଲକ ସଭାପତି ସତ୍ୟ ପ୍ରକାଶ ମହାନ୍ତି, ଜିଲା ଉପସଭାପତି ସନ୍ତୋଷ ଗିରି, ସାଧାରଣ ସମ୍ପାଦକ ମନୋରଞ୍ଜନ ବାରିକଙ୍କ ସହ ସରୋଜ ବାସ୍କେ, ସୁଜିତ ସାହୁ, ଶିବ ଗିରି, ସଂଗ୍ରାମ ଦତ୍ତ, ରାଜେଶ ବାରିକ, ସନ୍ଦୀପ ଗିରି, ସମୀର ସାହୁ, ବିଜେନ୍ଦ୍ର ସାହୁ, ପ୍ରକାଶ ମହାକୁଡ, ସୁମିତ ଗିରି, ଅନୁରାଗ ନାଏକ, ବିକାଶ ଧଡା, କାଳିଆ ସିଂ ଓ ସହଦେବ ପାତ୍ର ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

## ମହିଳାଙ୍କ ଆତ୍ମହତ୍ୟା

**ରାଇରଙ୍ଗପୁର,୫।୪(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ବାଦାମପାହାଡ ଥାନା ଅଧୀନ ଡୁବା ଗ୍ରାମର ଜଣେ ମହିଳା ଗ୍ରାମ ପାର୍ଶ୍ୱ ଏକ ଗଛରେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଚାନ୍ଦରାୟ ମାଝୀଙ୍କ ସ୍ତ୍ରୀ ଦାନଗୀ। ମାଜିଷ୍ଟ୍ରେଟ ତହସିଲଦାର ଶିବ ପ୍ରସାଦ ମୁର୍ମୁଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

## ବନ୍ଧୁମିଳନ କାର୍ଯ୍ୟକ୍ରମ

**ହାଟଡିହୀ, ୫।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଆରବି ହାଇସ୍କୁଲର ୧୯୯୦ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବନ୍ଧୁମିଳନ ଉତ୍ସବ ହାବଲେଶ୍ୱର ଭୂଇଁପୁର ମଙ୍ଗଳା ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ୩୭ ଜଣ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ। ଉତ୍ସବରେ ପ୍ରଥମେ ପୂର୍ବରୁ ଅକାଳ ବିୟୋଗ ହୋଇଥିବା ୩ ଜଣ ଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନ୍ତାକ୍ଷରୀ ପ୍ରତିଯୋଗିତା ହୋଇଥିଲା। ଏହି ଉତ୍ସବରେ ଧବଳେଶ୍ୱର ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ରଙ୍ଗାଧର ସା, ଜୟନ୍ତ ମହାରଣା, ଜୟନ୍ତ ବେହେରା, ଯୋଗେନ୍ଦ୍ର ବେହେରା, ପ୍ରଫୁଲ୍ଲ ନାୟକ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଭଞ୍ଜ ସାହିତ୍ୟ ସମୀକ୍ଷକଙ୍କ ପରଲୋକ

**ଖଇରା, ୫।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଡଗରପଡା ପଞ୍ଚାୟତ ଅଧୀନ ବାହାଦଲପୁର ଶାସନର ଚାଟଶାଳୀ ଗୁରୁ ତଥା ଭଞ୍ଜସାହିତ୍ୟ ସମୀକ୍ଷକ ଗିରିଧାରୀ



ଶନିବିଗ୍ରହ(୫୬)ଙ୍କର ୨ତାରିଖରେ ପରଲୋକ ହୋଇଯାଇଛି। ଘର ପାଖ ବାଡ ବୁଲୁଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକ ତାଙ୍କୁ ପ୍ରଥମେ ସୋର ଓ ପରେ କଟକ ନେଉଥିବା ବେଳେ ବାଟରେ ପାଣିକୋଇଲି ନିକଟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଭଞ୍ଜସାହିତ୍ୟ ଉପରେ ପାଣ୍ଡିତ୍ୟ ଥିବା ବେଳେ ବିଭିନ୍ନ ସାହିତ୍ୟ ଆଲୋଚନାରେ ସେ ସମୀକ୍ଷକ ଭାବେ ଯୋଗ ଦେଉଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ଛାତ୍ରୀଛାତ୍ର, ଶୁଭେଚ୍ଛୁ ଓ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ।

## ବନାଗ୍ନି ରୋକିବାକୁ ମକଡ୍ରିଲ

**ବିଶୋଇ,୫।୪(ଡି.ଏନ.ଏ):** ବନାଗ୍ନି ନିୟନ୍ତ୍ରଣ ନିମନ୍ତେ ବନବିଭାଗ ପକ୍ଷରୁ ଶିମିଳିପାଳ ସନ୍ନିକଟ ଗ୍ରାମଗୁଡ଼ିକରେ ସଚେତନତା ସୃଷ୍ଟି କରାଯାଉଛି। ମଙ୍ଗଳବାର ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ସରଗଡ଼ା ବନାଞ୍ଚଳ ଅଧୀନ ଆଦିବାସୀ ଅଧୁଷିତ କଳାଟମକ ଗ୍ରାମରେ ମକଡ୍ରିଲ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳାଟମକ ଗ୍ରାମରେ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ନଳିନୀକାନ୍ତ ବେହେରାଙ୍କ ନିର୍ଦ୍ଦେଶକ୍ରମେ ସରଗଡ଼ା ବନପାଳ ଜୀବନ ବଲ୍ଲଭ ପାତ୍ରଙ୍କ ଉଦ୍ୟମ କ୍ରମେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବନଖଣ୍ଡ ଅଧିକାରୀ ବେହେରା,ଏସିଏଫ ବୈଦ୍ୟନାଥ ମାଝୀ,ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରମୋଦ ସେଠି, ରାଇରଙ୍ଗପୁର ରେଞ୍ଜ ଅଧିକାରୀ ଅନ୍ତର୍ଯ୍ୟାମୀ ମହାକୁଡ଼, ବନପାଳ ସତ୍ୟବ୍ରତ ପଟ୍ଟନାୟକ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଦୀପ୍ତ କବି ପ୍ରମୁଖ ଯୋଗଦେଇଥିଲେ।

# କରୋନା ସମୟରେ ମଧ୍ୟାହ୍ନଭୋଜନ ଚାଉଳ ହଡ଼ପ

### ଦୁର୍ନୀତି ଜାଲରେ ଛନ୍ଦି ହୋଇଛନ୍ତି ବହୁ ଅଧିକାରୀ

**ବାରିପଦା ଅଫିସ,୫।୪**

କରୋନା ସମୟରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ନିମନ୍ତେ ଚାଉଳ ଯୋଗାଣରେ ମୟୂରଭଞ୍ଜ ଜିଲାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଯୋଗାଣକାରୀ ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ତ୍ରିକୋଣ ସଂଯୋଗରେ ପିଲାଙ୍କୁ ଚାଉଳ ଦିଆ ନ ଯାଇ ହରିଲୁଟ୍ ହୋଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ତଥ୍ୟ ଦେବାକୁ ଅମଙ୍ଗ ହେଉଥିବା ବେଳେ ବହୁ ଅଧିକାରୀ ଦୁର୍ନୀତି ଜାଲରେ ଛନ୍ଦି ହୋଇପଡ଼ିଛନ୍ତି। ଏହାକୁ ନେଇ ବେତନଟୀ ବ୍ଲକ ଅଞ୍ଚଳର ଅଭିଭାବକମାନେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଜିଲାର ୨୬ଟି ବ୍ଲକରେ ଥିବା ସ୍କୁଲଗୁଡ଼ିକ କରେନା କଟକଣା ଯୋଗୁ ୨୦୨୦ ମାର୍ଚ୍ଚ ୨୪ରୁ ଛୁଟି ଥିଲା। ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ସମସ୍ତ ପିଲାଙ୍କ ଘରେ ଚାଉଳ ପହଞ୍ଚାଇବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ମଧ୍ୟ ଚାଉଳ ଯୋଗାଇବା ଆରମ୍ଭ କରିଥିଲେ। ପ୍ରାରମ୍ଭରେ ୨/୩ମାସ ଚାଉଳ ଯୋଗାଣ ପରେ ଅନେକ ଛାତ୍ରୀଛାତ୍ର ଏଥିରୁ ବଞ୍ଚିତ ରହିଥିଲେ। ୨୦୨୦ ଜୁଲାଇରୁ ୨୦୨୧ ଡିସେମ୍ବର ପର୍ଯ୍ୟନ୍ତ ଚାଉଳ ଯୋଗାଇବା ପାଇଁ ମୁଖ୍ୟ ଯୋଗାଣ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା। ପରେ ଜିଲା ଶିକ୍ଷାଧିକାରୀଙ୍କ ମଧ୍ୟାହ୍ନ ଭୋଜନ ବିଭାଗ ପକ୍ଷରୁ ଚାଉଳ ଯୋଗାଇ ଦିଆଯାଇଥିଲା। ତେବେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଚାଉଳ ଦାୟିତ୍ୱରେ ଥିବା ଅଧିକାରୀ ଓ ଯୋଗାଣ ସଂସ୍ଥାର ମିଳିତ ସହଯୋଗରେ ଚାଉଳ ଯୋଗାଇବା ପରିବର୍ତ୍ତେ ହଡପ କରାଯାଇଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ଜିଲାରେ ଥିବା ୪୦୪୩ଟି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୨ଲକ୍ଷ ୯୭ହଜାର ୯୪୫ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତିଦିନ ୩ଶହ କୁଇଣ୍ଟାଲ ଚାଉଳ ଆବଶ୍ୟକ ରହିଛି। ମାସକରେ ୯ହଜାର କୁଇଣ୍ଟାଲ ଚାଉଳ ଯୋଗାଣ ହେଉଥିବା ବେଳେ ଆବଶ୍ୟକ ସ୍ଥଳେ କିଛିମାତ୍ରାରେ ଯୋଗାଣ କରି ଅର୍ଦ୍ଧାଧିକ ଚାଉଳ ପ୍ରକୃତ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ବାଟମାରଣା କରାଯାଇଛି। କୋଟି କୋଟି ଟଙ୍କାର ଏହି ଚାଉଳ ଦୁର୍ନୀତିକୁ ଲୁଚାଇବା ପାଇଁ ବ୍ଲକସ୍ତରରୁ ପ୍ରୟାସ ଜାରି ରଖାଯାଇଛି। ଶିକ୍ଷକମାନଙ୍କୁ ଜୋର ଜବରଦସ୍ତ ଖାତାରେ ଏଣ୍ଟ୍ରି କରିବାକୁ ବାଧ କରାଯାଉଥିବା ନେଇ କେତେକ ଶିକ୍ଷକ ନାମ ଗୋପନ ରଖି କହିଛନ୍ତି। ତେବେ ଜିଲାରେ ଲଘୁ ଖଣିଜ ଦ୍ରବ୍ୟର ଲୁଟ ହେବା ଘଟଣାରେ ତଦନ୍ତ ଆରମ୍ଭ ହେବାକୁ ଯାଉଥିବା ବେଳେ ମଧ୍ୟାହ୍ନଭୋଜନ ଚାଉଳ ଯୋଗାଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ତଥ୍ୟ ପ୍ରଦାନ କରାଯାଉନାହିଁ। ଜିଲା ଶିକ୍ଷାଧିକାରୀ ନବକିଶୋର ଗିରିଙ୍କୁ ପଚାରିବାରୁ ମୁଁ ବ୍ୟସ୍ତତା ମଧ୍ୟରେ ରହିଛି। ଦାୟିତ୍ୱରେ ଥିବା କର୍ମଚାରୀଙ୍କଠାରୁ ଫାଇଲ୍ ମଗାଇବା ପରେ ଯାଞ୍ଚ କରି କହିବି ବୋଲି ସେ କହିଛନ୍ତି। ତେବେ ଏହାର ତଦନ୍ତ କରାଗଲେ ଜିଲାରେ କୋଟି କୋଟି ଟଙ୍କାର ଚାଉଳ ଦୁର୍ନୀତି ଖୁଲାସା ହୋଇପାରିବ ବୋଲି ଜିଲା କଂଗ୍ରେସ ସଭାପତି ହେମନ୍ତ ଦାସ ଦାବି କରିଛନ୍ତି।

## ଦିଲ୍ଲୀରେ ଓଡ଼ିଆ ଯୁବକ ସମ୍ବର୍ଦ୍ଧିତ



ଶ୍ରୀମନ୍ତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଖଇରା, ୫।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ତଥା ନୂଆଦିଲ୍ଲୀରେ ଆୟୁଷ୍ମାନ ଫାଉଣ୍ଡେଶନ ନାମକ ସଂସ୍ଥା ଗଢି ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟରେ ନିଜକୁ ସାମିଲ କରିଥିବା ସଙ୍ଗଠନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳଙ୍କୁ ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ କରାଯାଇଛି। ଓଡିଆ ୱେଲଫେୟାର ଆସୋସିଏଶନ ତରଫରୁ ନୂଆଦିଲ୍ଲୀର ମେହେରୋଲୀଠାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ତାଙ୍କୁ ମାନପତ୍ର, ଉପଢୌକନ ସହ ତୁଳସୀ ଚାରା ପ୍ରଦାନ କରାଯାଇଥିଲା। ଶ୍ରୀମନ୍ତ ବୃକ୍ଷରୋପଣ, ରକ୍ତଦାନ ଶିବିର ଆୟୋଜନ ସାଙ୍ଗକୁ କୋଭିଡ ସମୟରେ ଲୋକଙ୍କୁ ଖାଦ୍ୟ ପୁଡିଆ ଦେଇ ଚର୍ଚ୍ଚାକୁ ଆସିଥିଲେ।

## ବଳାତ୍କାର ପରେ ମହିଳାଙ୍କୁ ହତ୍ୟା: ଜଣେ ଗିରଫ

**କେନ୍ଦୁଝର, ୫।୪(ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉଦୟ ମୁଣ୍ଡା। ସୋମବାର ସନ୍ଧ୍ୟାରେ ଉକ୍ତ ମହିଳା କୁଟା ଆଣିବା ପାଇଁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ପରେ ତାଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ଅନ୍ଧାରର ସୁଯୋଗ ଦେଖି ଅଭିଯୁକ୍ତ ଉଦୟ ତାଙ୍କୁ ବଳାତ୍କାର କରିବା ସହ ଜୀବନରୁ ମାରିଦେଇଥିବା ମୃତକଙ୍କ ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ମୃତଦେହ ଜବତ କରିବାସହ ଏକ ହତ୍ୟା ମାମଲା ରୁଜୁ କରି ଉଦୟଙ୍କୁ ଗିରଫ କରିଛି। ଘଟଣା ସ୍ଥଳରୁ ଅଭିଯୁକ୍ତଙ୍କ ମୋବାଇଲ ପୋଲିସ ଜବତ କରିଛି। ବଳାତ୍କାର ପରେ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ କରାଯାଉଛି ବୋଲି ଏସ୍‌ଡିପିଓ ପି.ଜେ ଟପୋ କହିଛନ୍ତି।

## ୯ରୁ ଚଇତି ପର୍ବ

**ଘଟଗାଁ, ୫।୪(ଡି.ଏନ.ଏ.)**

ଘଟଗାଁ ମା' ତାରିଣୀଙ୍କ ୮୨ତମ ଚଇତି ପର୍ବ ଆସନ୍ତା ୯ରୁ ୧୫ତାରିଖ ପର୍ଯ୍ୟନ୍ତ ସପ୍ତାହେବ୍ୟାପୀ ଚାଲିବ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସକାଳୁ ରାତି ପାହିବା ପର୍ଯ୍ୟନ୍ତ ଚାଲିବ। ଏନେଇ ତାରିଣୀ ମନ୍ଦିର ପରିଚାଳନା ବୋର୍ଡ ତରଫରୁ ୨ୟ ପ୍ରସ୍ତୁତି ବୈଠକ ହେବାସହ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ପରିଚାଳନା ବୋର୍ଡ ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଟ୍ରଷ୍ଟ ବୋର୍ଡ ସଦସ୍ୟ କ୍ଷୀରୋଦ ପ୍ରସାଦ ଦାସ, ରୁଦ୍ର ନାରାୟଣ ମହାନ୍ତ, ନିର୍ମଳ କୁମାର ମହାନ୍ତି, ଦୟାନିଧି ମହାନ୍ତ, ଆନନ୍ଦ ଚନ୍ଦ୍ର ସିଂହ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ଯୋଗ ଦେଇଥିବାବେଳେ ଘଟଗାଁ ତହସିଲଦାର ଜନକ ନାୟକ, ବିଡିଓ ନାରାୟଣ ସାହୁ, ରେଞ୍ଜ ଅଫିସର ପ୍ରଭାତ କୁଅଁର, ସିଡିଡିଓ ଶୁଭଶ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଘଟଣାକୁ ବିତିଲା ୫ଦିନ, ସୁରାକ ପାଉନି ପୋଲିସ

**ଅବସରପ୍ରାପ୍ତ ଶିକ୍ଷକଙ୍କୁ ହତ୍ୟା ଘଟଣା**
- ସନ୍ଦେହରେ ୩ ଅଟକ
- ପୋଖରୀରୁ ମିଳିଲାନି ମାରଣାସ୍ତ୍ର



ମାରଣାସ୍ତ୍ର ସନ୍ଦେହରେ ଶୁଖାଯାଇଥିବା ପୋଖରୀରେ ତଲାସି କରାଯାଉଛି।

**ସିମୁଳିଆ, ୫।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ଥାନା ବାଲିଖଣ୍ଡ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ଆନନ୍ଦ ବିହାରୀ ପତ୍ରୀଙ୍କ ହତ୍ୟା ଘଟଣାର ୫ଦିନ ପରେ ମଧ୍ୟ ପୋଲିସକୁ କୌଣସି ସୁରାକ ମିଳିପାରିନାହିଁ। ନିକଟରେ ଥିବା ଏକ ପୋଖରୀରେ ହୁଏତ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଫିଙ୍ଗି ଦେଇଥିବେ ଭାବି ପୋଲିସ ଗତ ୩ଦିନ ଏହି ପୋଖରୀକୁ ପମ୍ପ ଲଗାଇ ଶୁଖାଇଥିଲା। ମଙ୍ଗଳବାର ଏହି ପୋଖରୀ ଶୁଖାଯାଇଥିଲେ ହେଁ ଏଥିରୁ କୌଣସି ମାରଣାସ୍ତ୍ର ଜବତ ହୋଇପାରିନାହିଁ। ଅପରପକ୍ଷେ ପୋଲିସ ସନ୍ଦେହରେ ସ୍ଥାନୀୟ ଅଞ୍ଚଳର ୩ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି । ତେବେ ଏକ ଟିମ୍ ଗଠନ କରାଯାଇ ଏହାର ତଦନ୍ତ ଚାଲିଥିବା ସିମୁଳିଆ ଥାନା ଅଧିକାରୀ ଜୟନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

ଗତ ଶୁକ୍ରବାର ବିଳମ୍ବିତ ରାତିରେ ବାଲିଖଣ୍ଡ ଅଞ୍ଚଳର ଆନନ୍ଦ ବିହାରୀ ପତ୍ରୀ ନାମକ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଦୁର୍ବୃତ୍ତମାନେ ଅମାନୁଷିକ ଭାବେ ମାରଣାସ୍ତ୍ରରେ କ୍ଷତବିକ୍ଷତ କରି ହତ୍ୟା କରିବା ସହିତ ତାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀଙ୍କୁ ମଧ କ୍ଷତବିକ୍ଷତ କରି ଘରର ବାଥରୁମରେ ପକାଇ ଫେରାର ହୋଇଯାଇଥିଲେ। ପରେ ଗତ ଶନିବାର ସକାଳେ ଶିକ୍ଷକଙ୍କ ଶବ ବିଲରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପରେ ସାଇଣ୍ଟିଫିକ ଟିମ୍, ଫିଙ୍ଗର ଓ ଡଗ୍ ସ୍କ୍ୱାର୍ଡ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରେ ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଥାନା ଅଧିକାରୀ ଜୟନ୍ତ କୁମାର ବେହେରା ପହଞ୍ଚି ତଦନ୍ତ କରିଥିଲେ ହେଁ ଅଦ୍ୟାବଧି ପୋଲିସକୁ କୌଣସି ସୁରାକ ମିଳିପାରିନାହିଁ। ଅପରପକ୍ଷେ ଏହାକୁ ଚୋରି କିମ୍ବା ଜମିବାଡି ଜନିତ ହତ୍ୟାକାଣ୍ଡ ବୋଲି ମତପ୍ରକାଶ ପାଇଛି। ଆହତ ସନ୍ଧ୍ୟାରାଣୀ କଟକରେ ଚିକିତ୍ସିତ ହେଉଛନ୍ତି।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା

**ବାହାନଗା, ୫।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ମଳଙ୍ଗ ଗ୍ରାମର ଏକ ବାଡପୋଡି ମାମଲାର ସମାଧାନ ସ୍ଥଳକୁ ଯାଇଥିବା ଜଣେ ଯୁବକ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି । ତାଙ୍କ ସ୍ତ୍ରୀଙ୍କୁ ମଧ ଟଣାଓଟରା କରାଯାଇଥିବା ଗୋପାଳପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଅଭିଯୋଗକାରୀମାନେ ଫାଣ୍ଡି ଆଗରେ ଧାରଣାରେ ବସି ରହିଥିଲେ। ମଳଙ୍ଗ ଗ୍ରାମର ୧ନଂ. ୱାର୍ଡରେ ଏକ ବାଡପୋଡି ମାମଲାରେ ଭୋଳାନାଥ ବେହେରା ନାମକ ଯୁବକଙ୍କ ନାମରେ ଅଭିଯୋଗ ହୋଇଥିଲା। ଗୋପାଳପୁର ଫାଣ୍ଡିରେ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କ ଉପସ୍ଥିତିରେ ଗ୍ରାମର କେତେଜଣ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତରେ ସମାଧାନ କରାଯାଇଥିଲା। ତେବେ ସେହି ସମାଧାନ ସଭାରେ ଗ୍ରାମର ଦିବାକର ସାହୁ ଉପସ୍ଥିତ ଥିଲେ। ସମାଧାନ ପରେ ଦିବାକର ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଘର ପାଖ ରାସ୍ତାରେ ଭୋଳାନାଥ ଦିବାକରଙ୍କୁ ଅଟକାଇ ମାଡ ମାରିଥିଲେ। ଦିବାକରଙ୍କ ଚିତ୍କାର ଶୁଣି ତାଙ୍କ ସ୍ତ୍ରୀ ସବିତା ସେଠାରେ ପହଞ୍ଚି ବିରୋଧ କରିବାରୁ ତାଙ୍କୁ ମଧ ଅସଦାଚରଣ କରାଯାଇଥିଲା। ଏନେଇ ଦିବାକର ଗୋପାଳପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ପରେ ଦିବାକରଙ୍କ ଅଭିଯୋଗ ଅନୁଯାୟୀ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ୨ଜଣଙ୍କୁ ପୋଲିସ ଗିରଫ କରିବା ପରେ ଧାରଣାରେ ବସିଥିବା ପରିବାର ଲୋକମାନେ ଉଠିଯାଇଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୮୪ ପ୍ରକଳ୍ପ

**ସଜନାଗଡ଼, ୫।୪(ଡି.ଏନ.ଏ.)**




ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ମଞ୍ଚାସୀନ ଅତିଥିଗଣ।

ନୀଳଗିରି ବ୍ଲକ ରତ୍ନାକର ଟାଉନ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ଗୁଣ ବିଜ୍ଞାନ ମେଳା ମାଧ୍ୟମରେ ପରିପ୍ରକାଶ ପାଇଥାଏ ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ଫକୀରମୋହନ କଲେଜର ଅବସରପ୍ରାପ୍ତ ପ୍ରଫେସର ଡ. ଜନାର୍ଦ୍ଦନ ବେହେରା, ବିଶିଷ୍ଟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର, ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣମୋହନ ସିଂହ, ଅନ୍ୟତମ ସମ୍ମାନିତ ଅତିଥି କୈଳାଶ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୀମସେନ ବିଶ୍ୱାଳ, ଆୟୋଜନ ଓ ସର୍ଜନାର ଅନ୍ୟତମ ବିଧାଣୀ ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଓ ବିଶିଷ୍ଟ ସାମାଜିକ କର୍ମୀ ଇଂ. ଦୀପ୍ତିକାନ୍ତ ମହାପାତ୍ର ପ୍ରମୁଖ ବିଜ୍ଞାନର ଆବଶ୍ୟକତା ଉପରେ ମତ ଦେଇଥିଲେ। ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରିଣୀ ସ୍ନିଗ୍ଧା ପଣ୍ଡା ବୈଠକରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୮୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରାଥମିକ ବିଦ୍ୟାଳୟରୁ ଆସିଥିବା ପ୍ରକଳ୍ପ ସଂଖ୍ୟା ୨୩, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଆସିଥିବା ପ୍ରକଳ୍ପ ସଂଖ୍ୟା ୩୯, ମାଧ୍ୟମିକ ବିଦ୍ୟାଳୟରୁ ଆସିଥିବା ପ୍ରକଳ୍ପ ସଂଖ୍ୟା ୨୨।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେବି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତି, ସୃଷ୍ଟିର ମିହିର କୁମାର ପଣ୍ଡା ଯୋଗଦେଇ ଥିଲେ। ପରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏବିଇଓ ରବିନାରାୟଣ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଡିଏମ୍‌ଏଫ୍‌ରୁ ସାହାଯ୍ୟ ମିଳିଲେ ରେଳ ଡବା କାରଖାନା ହୋଇପାରିବ : ଡିଆର୍‌ଏମ୍

**କେନ୍ଦୁଝର, ୫।୪(ସ୍ୱ.ପ୍ର.)**

ପୂର୍ବତଟ ରେଳପଥର ଡିଆର୍‌ଏମ୍ ଓ ମହାପ୍ରବନ୍ଧକ ଗତ ମାର୍ଚ୍ଚ ୨୮ରେ କେନ୍ଦୁଝର ରେଳଷ୍ଟେଶନ ଆସିବା ସମୟରେ ନାଗରିକ ମଞ୍ଚର ତରଫରୁ ଜିଲାରେ ରେଳପଥର ଉନ୍ନତି, ସମ୍ପ୍ରସାରଣ ଓ ନୂତନ ଟ୍ରେନ ଚଳାଚଳ ଉପରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷେ ପ୍ରଶାସନ ରେଲୱେକୁ ବିନା ମୂଲ୍ୟରେ ଜମି ଓ ଡିଏମ୍‌ଏଫ୍‌ରୁ ଆର୍ଥିକ ସାହାଯ୍ୟ କରିଲେ କେନ୍ଦୁଝରଠାରେ ଏକ ରେଳ ଡବା ପ୍ରସ୍ତୁତ କାରଖାନା ଗଠନ କରାଯାଇପାରିବ ବୋଲି ଡିଭିଜନାଲ ମ୍ୟାନେଜର କହିଛନ୍ତି। ଏ ବିଷୟରେ ଜିଲାପାଳଙ୍କ ସହିତ ଆଲୋଚନା କରି ରେଲୱେ ସହିତ ଏକ ସଂଯୁକ୍ତ ମିଟିଙ୍ଗ ଆୟୋଜନ କଲେ ଏହା କାର୍ଯ୍ୟକାରି କରିବା ସମ୍ଭବ ହେବ ବୋଲି ଫୋରମର ସଦସ୍ୟ କହିଛନ୍ତି।

ଉକ୍ତ ଦାବିକୁ ନେଇ ସୋମବାର ଡିଆର୍‌ଏମ୍‌ଙ୍କ ଡାକରା କ୍ରମେ ଖୋର୍ଦ୍ଧା ରୋଡ୍ ସ୍ଥିତ ଡିଭିଜନାଲ ମ୍ୟାନେଜରଙ୍କ ଅଫିସରେ କେନ୍ଦୁଝର ସିଟିଜେନ ଫୋରମର ପ୍ରତିନିଧି ଇଂ. ଅଜୟ କୁମାର ସାହୁ ଓ ବରିଷ୍ଠ ଆଇନଜୀବୀ ବିରଜା ମିଶ୍ର ଯାଇ ଆଲୋଚନା କରିଛନ୍ତି। ଡିଭିଜନାଲ ମ୍ୟାନେଜର ଦାବିଗୁଡ଼ିକ ଉପରେ କହିଥିଲେ ଯେ, ଏତେଗୁଡ଼ିଏ ଦାବି ହଠାତ ପୂରଣ ସମ୍ଭବ ନୁହେଁ। ମାତ୍ର ସମୟ କ୍ରମେ ସମସ୍ତ ଦାବି ଗୁଡିକ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୁରୀ–ବଡ଼ବିଲ ଇଣ୍ଟରସିଟି ଚଳାଚଳ ଖୁବ ଶୀଘ୍ର ହେବ, ହାୱଡ଼ା –କେନ୍ଦୁଝର ଜନଶତାବ୍ଦୀ ଟ୍ରେନ ଚଳାଚଳ ପାଇଁ ସେ ଶୀଘ୍ର ଉପରିସ୍ଥ କର୍ମଚାରୀଙ୍କ ସହିତ ବିଭାଗୀୟ ବୈଷୟିକ ଓ ବ୍ୟବସାୟିକ ଆଲୋଚନା କରି ଏହାର ବ୍ୟବସ୍ଥା କରିବା ପାଇଁ ରାଜି ହୋଇଥିଲେ।

## ସ୍ୱାଗତ ସମ୍ବର୍ଦ୍ଧନା

**ଭୋଗରାଇ, ୫।୪(ଡି.ଏନ.ଏ.)**

ଭୋଗରାଇ ବ୍ଲକ ଥାନାଛକ ସ୍ଥିତ କଳିଙ୍ଗ ପବ୍ଲିକ ସ୍କୁଲରେ ସ୍ୱାଗତ ଉତ୍ସବ ସୋମବାର ଆୟୋଜିତ ହୋଇଥିଲା। ସ୍କୁଲ ପ୍ରିନ୍ସିପାଲ ସୁଶାନ୍ତ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଭଗିରଥ ଗିରି, ମୁଖ୍ୟବକ୍ତା ଆର୍‌ଆଇଏଚ୍‌ଏସ୍ କଲେଜ ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ରାସ୍ତା ନିର୍ମାଣ ଦାବିକଲେ ଗ୍ରାମବାସୀ

**କେନ୍ଦୁଝର,୫।୪ (ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ କାଉଁରୀକଳା ପଞ୍ଚାୟତର ବଉଳମାଳ ଗ୍ରାମରେ ଅନୁସୂଚିତ ଜାତିର ଲୋକ ମାନେ ରହୁଥିଲେ ହେଁ ଯାତାୟାତ ନିମନ୍ତେ ରାସ୍ତା ନ ଥିବାରୁ ଲୋକ ମାନେ ବହୁ ଅସୁବିଧା ଭୋଗୁଛନ୍ତି। ବାଉଁଶ ପାତିଆ କାମ କରି ପେଟ ପୋଷୁଥିବା ଏହି ଲୋକ ମାନେ ରାସ୍ତା ନ ଥିବାରୁ ବହୁ ଅସୁବିଧାରେ ଯାତାୟାତ କରୁଛନ୍ତି। ବର୍ଷା ଦିନରେ ରାସ୍ତା ନ ଥିବାରୁ ପାଣି କାଦୁଅରେ ଯିବା ଆସିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିଥାଏ। ରାସ୍ତା ନ ଥିବାରୁ ଆମ୍ବୁଲାନସ ଓ ଚାରିଚକିଆ ଗାଡି ଯିବା ଆସିବା କରିପାରୁ ନାହିଁ। ଏପରିକି ହାଇସ୍କୁଲ ଓ ୟୁଜିଏମଇ ସ୍କୁଲକୁ ଯିବା ପାଇଁ ପିଲା ମାନେ ଚଲାବାଟ, ପଡିଆ ଦେଇ ଯିବା ଆସିବା କରିବାକୁ ବାଧ ହେଉଛନ୍ତି। ଏବେ ଉକ୍ତ ପଡିଆକୁ ତାର ବାଡ଼ ଦିଆଯାଉଥିବାରୁ ସେମାନେ କିପରି ଯିବେ ସେ ନେଇ ଚିନ୍ତା ବ୍ୟକ୍ତ କରି ତୁରନ୍ତ ରାସ୍ତା ନିର୍ମାଣ ପାଇଁ ସୁବ୍ୟବସ୍ଥା କରିବାକୁ ସୋମବାର ଜିଲାପାଳଙ୍କୁ ଲିଖିତ ନିବେଦନ କରିଛନ୍ତି।



ଜିଲାପାଳଙ୍କ ପାଖକୁ ଆସିଥିବା ଗ୍ରାମବାସୀ।

## ସାମାଜିକ ଦାୟିତ୍ୱବୋଧକୁ ଦୃଢ଼ କରିବାକୁ ଆହ୍ୱାନ

**ବାଲେଶ୍ୱର ଅଫିସ, ୫।୪**




ସମ୍ବର୍ଦ୍ଧନା ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ମତ ରଖୁଛନ୍ତି।

ବାଲେଶ୍ୱର ସହର ଆଇଟିଆଇସ୍ଥିତ ଏକ ଘରୋଇ ହୋଟେଲ ପରିସରରେ ସ୍ୱଦେଶ ସଂଗ୍ରାମ ଫାଉଣ୍ଡେସନର 'ବନ୍ଦେ ମାତରମ୍' ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱରର ନବ ନିର୍ବାଚିତ ରାଜନୈତିକ ନେତୃବର୍ଗମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ଆୟୋଜିତ ଉତ୍ସବରେ ସଙ୍ଗଠନ ସଭାପତି ତଥା ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ଲକଡାଉନ୍ ଓ ସଟ୍‌ଡାଉନ୍ ସମୟରେ ସଙ୍ଗଠନ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ସାମାଜିକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଙ୍ଗଠନ ସମ୍ପାଦକ ଡ. ଶ୍ରୀମାନ ଶ୍ରୀଚନ୍ଦନ ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଅସିତ ଦାସ ଏଥିରେ ଆଗାମୀ ଦିନରେ ସଙ୍ଗଠନର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। କୋଭିଡ୍ ସମୟରେ ସେବା ମୂଳକ କାର୍ଯ୍ୟର ଦାୟିତ୍ୱ ନେଇଥିବା ସଙ୍ଗଠନର ସଦସ୍ୟ ଶ୍ରବଣ ବିଶ୍ୱାଳ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ଅନୁପ ସେଠୀ, ମୃତ୍ୟୁଞ୍ଜୟ ରାଉତ ପ୍ରମୁଖ ନିଜର ଅନୁଭୂତିକୁ ମଞ୍ଚରେ କହିଥିଲେ। ସମ୍ବର୍ଦ୍ଧନା ଅବସରରେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ସଙ୍ଗଠନର ସଦସ୍ୟମାନଙ୍କ ପ୍ରୟାସକୁ ଉଚ୍ଚପ୍ରଶଂସା କରିବା ସହିତ ଆଗାମୀ ଦିନରେ କୌଣସି ପ୍ରକାର ସହଯୋଗ ପ୍ରଦାନ ପାଇଁ ସେ ପ୍ରସ୍ତୁତ ରହିଥିବା କହିଥିଲେ। ସେହିପରି ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ସଙ୍ଗଠନର କୋଭିଡ୍ ଯୋଦ୍ଧାଙ୍କ ପ୍ରେରଣାଦାୟୀ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ସଙ୍ଗଠନ ସହଯୋଗରେ ଏକ ଶବବୁହା ଗାଡ଼ି ଚଳାଇବା ପାଇଁ ବିଧାୟକ ହାତପାଣ୍ଠିରୁ ଅନୁଦାନ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ପୌରାଧ୍ୟକ୍ଷା ସବିତା ସାହୁ ସଙ୍ଗଠନର ସଦସ୍ୟମାନଙ୍କୁ ସମସ୍ତ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଜିଲା ପରିଷଦ ସଦସ୍ୟ ଜୟରାମ ଦାସ, କୁରୁଡ଼ା ପଞ୍ଚାୟତ ସରପଞ୍ଚ ତାପସ ପାଣିଗାହୀ ସାମାଜିକ ଦାୟିତ୍ୱବୋଧତାକୁ ଆହୁରି ଦୃଢ଼ କରିବା ପାଇଁ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ। ସଙ୍ଗଠନର ବରିଷ୍ଠ ସଦସ୍ୟ ବୋଦନୱାଲା, ସୁଜୟ କୁମାର ଆଚାର୍ଯ୍ୟ ଓ ଅସିତ ଦାସ ମଞ୍ଚାସୀନ ଥିବାବେଳେ ସଙ୍ଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଜୟଶ୍ରୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

